# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th March - 2025

***********************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ଜାମ୍‌ନଗରରେ ବନ୍ୟଜନ୍ତୁ ସଂରକ୍ଷଣ, ଉଦ୍ଧାର ଏବଂ ଅନନ୍ୟ ପୁନର୍ବାସ କେନ୍ଦ୍ର 'ବନ୍‌ତାରା'ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ସ୍ୱଚ୍ଛତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀରେ ପରାମର୍ଶ ଦେଲେ ମୁଖ୍ୟ ନିର୍ବାଚନ କମିଶନର

- ଆସନ୍ତା ଏପ୍ରିଲ ମାସ ସୁଦ୍ଧା ରାଜ୍ୟର ୪ଟି ମେଡିକାଲ କଲେଜର ନୂତନ କୋଠା ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ସୂଚନା ଦେଲେ ପୂର୍ତ୍ତମନ୍ତ୍ରୀ

ଏବଂ

- ମେଦବହୁଳତା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମେଦବହୁଳତା ଦିବସ

## ବନ୍ତାରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜୁରାଟର ଜାମ୍‌ନଗରରେ ବନ୍ୟଜନ୍ତୁ ସଂରକ୍ଷଣ, ଉଦ୍ଧାର ଏବଂ ଅନନ୍ୟ ପୁନର୍ବାସ କେନ୍ଦ୍ର 'ବନ୍ତାରା'ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବନ୍ତାରା ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ବାତାବରଣ ଯୋଗାଇବା ସହ ପାରିପାର୍ଶ୍ୱିକ ନିରନ୍ତରତା ଏବଂ ବନ୍ୟଜନ୍ତୁଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛି।

## ସି.ଇ.ସି. - ସି.ଇ.ଓ. କନଫରେନ୍ସ

ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସ୍ୱଚ୍ଛତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇଦିନିଆ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର ରାଜନୈତିକ ଦଳଗୁଡ଼ିକ ସହିତ ଯୋଗାଯୋଗ ରକ୍ଷା କରି ସୁଚାରୁରୂପେ ନିଜର ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇଛନ୍ତି । ନିୟମିତ ଭାବେ ବୈଠକ ଆୟୋଜନ ଉପରେ ଶ୍ରୀ କୁମାର ଗୁରୁତ୍ୱାରୋପ କରିଛନ୍ତି । ପ୍ରତ୍ୟେକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଦ୍ୱାରା ନିଆଯାଇଥିବା ପ୍ରସଙ୍ଗଭିତ୍ତିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଆସନ୍ତା ୩୧ ତାରିଖ ସୁଦ୍ଧା ସମ୍ପୃକ୍ତ ଉପ-ନିର୍ବାଚନ କମିଶନରଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି ।

ଦେଶରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ନାଗରିକଙ୍କୁ ଭୋଟର ଭାବେ ପଞ୍ଜିକୃତ କରିବାକୁ ସୁନିଶ୍ଚିତ କରିବା ଲାଗି ସେ ଅଧିକାରୀମାନଙ୍କୁ କହିଛନ୍ତି । ଏତଦ୍‌ବ୍ୟତୀତ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୮ ଶହରୁ ୧୨ ଶହ ମତଦାତା ରହିବା ଓ ପ୍ରତ୍ୟେକ ମତଦାତାଙ୍କ ବାସସ୍ଥାନରୁ ଦୁଇ କିଲୋମିଟର ମଧ୍ୟରେ ମତଦାନ କେନ୍ଦ୍ର ସୁନିଶ୍ଚିତ କରିବାପାଇଁ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମାଞ୍ଚଳରେ ମତଦାନକୁ ସହଜ କରିବା ଲକ୍ଷ୍ୟରେ ମତଦାନ କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ଉପରେ ମଧ୍ୟ ଶ୍ରୀ କୁମାର ଗୁରୁତ୍ୱାରୋପ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ-ସହାୟତା ରାଶି

ରାଜ୍ୟରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏବଂ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଚାଲିଥିବା ସମୟରେ ଦୁଇଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ସେମାନଙ୍କ ନିକଟ ସମ୍ପର୍କିୟଙ୍କୁ ପ୍ରଦାନ

କରାଯିବ। ସୂଚନାଯୋଗ୍ୟ, ଶାରୀରିକ ପରୀକ୍ଷା ସମୟରେ କେନ୍ଦୁଝର ଏବଂ ସୁନ୍ଦରଗଡ଼ର ଜଣେ ଲେଖାଏଁ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିଲା।

## ପ୍ରକଳ୍ପ ସମୀକ୍ଷା-ରାଜସ୍ୱ ମନ୍ତ୍ରୀ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରେଳ ଓ ଜାତୀୟ ରାଜପଥ ବିଭାଗର ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀ ପୂଜାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଖୋର୍ଦ୍ଧା-ବଲାଙ୍ଗିର, ବିମଳଗଡ଼-ତାଳଚେର ରେଳ ପ୍ରକଳ୍ପ, କଳାହାଣ୍ଡିରେ ରେଳ ଓ୍ୱାଗନ୍ ପ୍ରକଳ୍ପ ନେଇ ଆଲୋଚନା ହୋଇଛି। ମନ୍ତ୍ରୀ କହିଛନ୍ତି, ପ୍ରତି ୩ ମାସରେ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା ହେବ। ପ୍ରକଳ୍ପ ବିଳମ୍ବ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ପଞ୍ଚାୟତିରାଜ ଦିବସ

ରାଜ୍ୟବ୍ୟାପୀ ଆସନ୍ତାକାଲି ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯିବ। ତେବେ ଏହି ଦିବସ ଉପଲକ୍ଷେ ସରକାରୀ ଛୁଟି ରହିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏ ନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛଇ। ସୂଚନା

ଅନୁସାରେ, ଆସନ୍ତାକାଲି ରାଜ୍ୟରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଖୋଲା ରହିବ। ସୂଚନା ଅନୁସାରେ, ରାଜ୍ୟରେ ମାର୍ଚ୍ଚ ୫ ତାରିଖ ବଦଳରେ ପ୍ରତିବର୍ଷ ଏପ୍ରିଲ୍ ୨୪ ତାରିଖକୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏପ୍ରିଲ ୨୪ ତାରିଖ ଦିନ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଜାତୀୟ ଓ ରାଜ୍ୟସ୍ତରରେ ଥିବା ଅସଂହତିକୁ ଦୂର କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଦିନିକିଆ **ମାଲକାନଗିରି** ଜିଲ୍ଲା ଗସ୍ତରେ ଯାଇ କାଲିମେଳାଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ ସମୟରେ ଶ୍ରୀ ନାୟକ ମାନ୍ୟମକୋଣ୍ଡାରେ ଗଣପର୍ବ ବଡଯାତ୍ରାରେ ସାମିଲ ହେବା ସହ ବିଭିନ୍ନ ପ୍ରକଳ୍ପର ତଦାରଖ କରିଥିଲେ।

## ମେଡିକାଲ କଲେଜ ନିର୍ମାଣ

ଆସନ୍ତା ଏପ୍ରିଲ ମାସ ସୁଦ୍ଧା କୋରାପୁଟ, ଫୁଲବାଣୀ, ମାଲକାନଗିରି ଓ ଯାଜପୁର ମେଡିକାଲ କଲେଜର ନୂତନ କୋଠାଘର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଭାଗର ବିଭିନ୍ନ

କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିବେ। ବୈଠକରେ ମନ୍ତ୍ରୀ ନିର୍ମାଣକାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସଡକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଛନ୍ତି।

## ୱେଭ୍‌ସ୍

ୱେଭ୍‌ସ୍ ବଜାର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପରେ  ଡିଜିଟାଲ ପରିବର୍ତ୍ତନ ଆଣିବା ଦିଗରେ ସହାୟକ ହେଉଛି। ୱେଭ୍‌ସ୍ ଏକ ବୈପ୍ଳବିକ ଅନ୍‌ଲାଇନ୍ ମାର୍କେଟ୍ କମ୍ପ୍ଲେକ୍ସ। ଏହା ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ଉନ୍ନତ ବ୍ୟବସାୟ କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ଏହି ମଂଚ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସେତୁ ଭାବରେ କାର୍ଯ୍ୟ କରିବା ସହ ଶିଳ୍ପ ପେସାଦାର ମାନଙ୍କୁ ସହଜରେ ଦକ୍ଷତା ପ୍ରଦର୍ଶନ ତଥା ସମ୍ଭାବ୍ୟ ଗ୍ରାହକଙ୍କ ସହ ସଂଯୋଗ ସ୍ଥାପନ କରିବାରେ ସୁଯୋଗ ପ୍ରଦାନ କରୁଛି।  ସୂଚନା ଅନୁସାରେ, ଗତ ଜାନୁୟାରୀ ମାସ ୨୭ ତାରିଖରେ ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଆନୁଷ୍ଠାନିକ ଭାବେ ୱେଭ୍‌ସ୍ ବଜାରର ଶୁଭାରମ୍ଭ କରିଥିଲେ।

## ଉନ୍ନୟନ କମିଟି ବୈଠକ

**କେନ୍ଦ୍ରାପଡା** ଜିଲ୍ଲା ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି । ବୈଠକରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

## ଟେକ୍ନୋ ସକ୍ଷମ ମିଶନ

**କେନ୍ଦ୍ରାପଡା**ରେ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ଦିଗରେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ତରଫରୁ ଟେକ୍ନୋ ସକ୍ଷମ ମିଶନର ଶୁଭାରମ୍ଭ ହୋଇଛି । ଏଥିନିମନ୍ତେ ଏକ ପ୍ରଚାର ରଥର ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି । ସହରର ମାଧପୁର ସ୍ଥିତ ଏହି କେନ୍ଦ୍ରରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ ।

## ଶିଶୁ ସୁରକ୍ଷା କର୍ମଶାଳା

**ବରଗଡ଼** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଶିଶୁ ଅଧିକାର ଆଇନ୍ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ନୂଆପଡା** ଜିଲ୍ଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନୂତନ ଆଇନ୍‌ର ବ୍ୟବହାରିକ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଉଦନ୍ତୀ ଉତ୍ସବ

**ନୂଆପଡା** ଜିଲ୍ଲାରେ ଉଦନ୍ତୀ ଉତ୍ସବ ପାଳନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ସିନାପାଲି ପଞ୍ଚାୟତ ସମିତି ପରିସରରେ ଅନୁଷ୍ଠିତ ବୈଠକରେ ଚଳିତମାସ ଶେଷ ସୁଦ୍ଧା ମହୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଛି । ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତରେ ଉଦନ୍ତୀ ଅବବାହିକାରେ ଗଢ଼ି ଉଠିଥିବା ଜନବସତିର କଳା, ସାହିତ୍ୟ ଓ ସଂସ୍କୃତିର ସମାଗମର ନିଦର୍ଶନ ଉଦନ୍ତୀ ଉତ୍ସବରେ ଦେଖିବାକୁ ମିଳିଥାଏ ।

## ଫୁଟ୍‌ବଲ୍

**ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ରେ ଜିଲ୍ଲା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଡି.ଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ସେମି ଫାଇନାଲ୍‌ରେ ପହଞ୍ଚିଛି । ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ଼ କ୍ଲବ୍ ବୌଦ୍ଧ ଜିଲ୍ଲା ଫୁଟବଲ ଦଳକୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଆସନ୍ତାକାଲି ପ୍ରଥମ ସେମିଫାଇନାଲରେ ବରଗଡ଼ ଦଳ ଏମ୍.ଇ.ଜି. ସେଣ୍ଟର ବାଙ୍ଗାଲୋରକୁ ଭେଟିବ ।

## ବନକଲାଗି

ଫାଲଗୁନ ଶୁକ୍ଳଷଷ୍ଠୀ ତିଥି ଉପଲକ୍ଷେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ନୀତିକାନ୍ତି ଆରମ୍ଭ ହେବ। ଏଥିପାଇଁ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବିଶ୍ୱ ମେଦବହୁଳତା ଦିବସ

ମେଦ ବହୁଳତା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ମେଦବହୁଳତା ଦିବସ ପାଳନ କରାଯାଉଛି। ୨୦୨୦ ମସିହାରୁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୪ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷର ବିଷୟବସ୍ତୁ ରହିଛି- 'ପରିବର୍ତ୍ତିତ ପରିସ୍ଥିତି ଏବଂ ସ୍ୱାସ୍ଥ୍ୟକର ଜୀବନ'। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆହ୍ୱାନଗୁଡ଼ିକର ମୁକାବିଲା ସହିତ ସୁସ୍ଥ ଜୀବନ ଅତିବାହିତ କରିବାକୁ ଏହି ବିଷୟବସ୍ତୁ ପ୍ରତିପାଦନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ମେଦ ବହୁଳତା ପ୍ରତି ସଚେତନ ରହିବା ସହ ଉତ୍ତମ ଜୀବନଶୈଳୀ ଆପଣାଇବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

******************************